ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
**ସମ୍ପାଦକୀୟ**

**ଭୁବନେଶ୍ୱର, ୨୦୨୫, ସେପ୍ଟେମ୍ବର ୨୬**

# ଦୂରେଇବା ପ୍ଲାଷ୍ଟିକ ଓ ମୂର୍ତି ରଙ୍ଗ

ସଂପ୍ରତି ମର୍ତିକାରିଗରୀରେ କେବଳ ବିଷାକ୍ତ ରଙ୍ଗ ନୁହେଁ ମୂର୍ତି ତିଆରି ପ୍ରସ୍ତୁତିରେ ବ୍ୟାପକ ପ୍ଲାଷ୍ଟିକ ଓ ପଲିଥିନ୍ ବ୍ୟବହାର ହେଉଛି । ଏହା ଆମ ସମସ୍ତଙ୍କ ପାଇଁ ଘାତକ । ସଚେତନତାକୁ ବ୍ୟାପକ କରିବା ସହ ନିତିଦିନିଆ ଜୀବନଶୈଳୀରେ ପରିବର୍ତନ ଲୋଡ଼ା । ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବା ସହ, ଗଛ ଲଗାଇବା ଓ ଟ୍ରାଫିକ ନିୟମ ମାନିବା ସହ ହଜାର ବର୍ଷର ପରିଚୟର ସମୃଦ୍ଧ କଟକ ସହରର ପାର୍ବଣରେ ଡିଜେମୁକ୍ତ ରୋଷଣି, ନିଶାମୁକ୍ତ ଭଷାଣି ଓ ପ୍ଲାଷ୍ଟିକ ମୁକ୍ତ ପୂଜା ପାଇଁ ନିକଟରେ କଟକ ମହାନଗର ଶାନ୍ତି କମିଟି ପକ୍ଷରୁ ନିବେଦନ କରାଯାଇଛି ।



ନାଟ୍ୟସାରଥି ଅଭୟ କୁମାର ଦାସ

ଖୁଦୁରୁକୁଣୀ, ଗଣେଶ ପୂଜା, ବିଶ୍ୱକର୍ମ ପୂଜା, ସରସ୍ୱତୀ ପୂଜା, ଦଶହରା, ଦୀପାବଳୀ ପଛକୁ ପଛ ବାଲିଯାତ୍ରାରେ ବିଭିନ୍ନ ପ୍ରକାର ମୂର୍ତି ତିଆରି ହୋଇଥାଏ । ଆଉ ଏହି ମୂର୍ତିରେ ବ୍ୟବହାର କରାଯାଉଥିବା ରାସାୟନିକ ରଙ୍ଗ ବ୍ୟାପକ ଜଳ ସମ୍ପଦକୁ ପ୍ରଦୂଷିତ କରିବା ସହ ଏହାର ପ୍ରତ୍ୟକ୍ଷ ବା ପରୋକ୍ଷରେ ଆସୁଥିବା ବ୍ୟକ୍ତିବିଶେଷଙ୍କ ଚର୍ମ ଓ ଶରୀର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗକୁ ସଂକ୍ରମିତ କରି ରୋଗାକ୍ରାନ୍ତର ସମ୍ଭାବନା ଦେଖାଯାଇଥାଏ । ବଡ଼ଦୁଃଖର କଥା ହେଉଛି ଆମେ ସମସ୍ତେ ଏହାକୁ ଜାଣି ବି ବ୍ୟାପକ ଭାବରେ ସଚେତନ ନ ହେବାରୁ ଏହାକୁ ନେଇ ଚାରିଆଡ଼େ ଏକ ପ୍ରକାର ନୀରବତାର ହୋ ହଲ୍ଲା !! ସାଧାରଣତଃ ବିଭିନ୍ନ ପ୍ରକାର ମୂର୍ତ ତିଆରିରେ ପ୍ରଥମେ ପ୍ରାଇମର ଓ ପରେ ୱାଟର ସଲ୍ୟୁଓ୍ୱବଲ ରଙ୍ଗ ଏବଂ ଶେଷରେ ସେଡ଼ିଂ ଦେବା ପାଇଁ ବିଭିନ୍ନ ରାସାୟନିକ ରଙ୍ଗ ବ୍ୟବହାର କରାଯାଇଥାଏ । ପରବର୍ତୀ ସମୟରେ ଏହା ଯେଉଁ ଉଦ୍‌ବେଗଜନକ ସମସ୍ୟା ସୃଷ୍ଟି କରିଥାଏ ତାହା ଶିଳ୍ପୀମାନେ ବୁଝୁଥିଲେ ବି ପେଟପାଟଣାକୁ ନେଇ ସେମାନେ ବି ନାଚାର । ଦ୍ୱିତୀୟ କଥା ଏହି ବ୍ୟବହୃତ ରଙ୍ଗରେ ମାଗ୍ନେସିୟ, ମୋଲିବଡ଼େନମ୍ ଏବଂ ସିଲିକନ୍ ଭଳି ଭାଗ ରହୁଛି, ଯାହା ନଦୀ, ପୋଖରୀରେ ମିଶି ଜଳକୁ ପ୍ରଦୂଷିତ କରୁଛି । ମାଗ୍ନେସିୟମ୍ ଜଳର ଶୁଦ୍ଧତାରେ ପ୍ରଭାବ ପକାଉଥିବା ବେଳେ ପ୍ଲାଷ୍ଟର ଅଫ୍ ପ୍ୟାରିସ୍ ପାଣିରେ ଲୁଣି ପରିମାଣ ବୃଦ୍ଧି କରିଥାଏ । ରଙ୍ଗରେ ମର୍କ୍ୟୁରି' ରାସାୟନିକ ଭାଗ ରହିଲେ ଏହା ଅନେକ ଅଜଣା ରୋଗକୁ ଡାକି ଆଣିଥାଏ । ଯାହା ଜାପାନ୍‌ରେ ଅନେକ ଲୋକଙ୍କ ମୃତ୍ୟୁର କାରଣ ପାଲଟିଥିଲା । ଜାପାନର 'ମିନମାତା' ଅଂଚଳରେ ପାଣିରେ କୌଣସି କାରଣରୁ ମର୍କ୍ୟୁରି ଭାଗ ରହିଯାଇଥିବାରୁ ଏଭଳି ଅଘଟଣ ଘଟିଥିଲା । ସେହିପରି ଉକ୍ତ ରାସାୟନିକ ରଙ୍ଗ ମାଛ ତଥା ଜଳଜୀବଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଥାଏ । ରଙ୍ଗରେ ରହୁଥିବା ଆର୍ସେନିକ୍ ଏବଂ ଲିଡ଼୍ ଭଳି ରାସାୟନିକ ପଦାର୍ଥ ମଧ୍ୟ ବିପଦର କାରଣ ହୋଇପାରେ । ସୂଚନାଯୋଗ୍ୟ ଅହମ୍ମଦାବାଦରେ ପ୍ଲାଷ୍ଟର ଅଫ୍ ପ୍ୟାରିସ୍ ବ୍ୟବହୃତ ମୂର୍ତି ଉପରେ କଟକଣା ଲଗାଯାଇଥିବାବେଳେ ଉତ୍କୃଷ୍ଟ କଳାର ରାଜ୍ୟ ଭାବେ ବେଶ୍ ନାଁ ଥିବା ଓଡ଼ିଶାରେ ଏହା ଉପରେ ଲଗାମ ନାହିଁ । ମୂର୍ତି କାରିଗରମାନେ ସେମାନଙ୍କ ମନମୁତାବକ ନିଜ ଲାଭକୁ ଦେଖି ଶସ୍ତା ଓ ନିମ୍ନ ମାନର ରଙ୍ଗ ବ୍ୟବହାର କରୁଛନ୍ତି । କିନ୍ତୁ ଦିନ ଥିଲା ମୂର୍ତି ତିଆରିରେ ପ୍ରାଚୀନ ପଦ୍ଧତିର ପ୍ରାକୃତିକ ରଙ୍ଗର ବହୁଳ ବ୍ୟବହାର କରାଯାଉଥିଲା । ଗାଁ ଗଣ୍ଡାର କଇଁଆ ଅଠା, ବିଭିନ୍ନ ପ୍ରକାର ବଣଜ ଓ ଗ୍ରାମ୍ୟ ଅଂଚଳର ଫୁଲ, ଶଙ୍ଖଚିହ୍ନ, ଶିଠା ଫଳ ଆଦି ବ୍ୟବହାର କରାଯାଉଥିଲା । କିନ୍ତୁ ବର୍ତମାନ ପ୍ରଥମତଃ ସେହି ଜିନିଷ ଗୁଡ଼ିକ ଆଉ ବଜାରରେ ଉପଲବ୍ଧ ହେଉନି, ଦ୍ୱିତୀୟତଃ ତାକୁ ଖୋଜିବା ଅପେକ୍ଷା ଟଙ୍କା ଧରି ବଜାରରୁ ଲୋକଙ୍କୁ ଆଖି ଖୋସିହେଲା ଭଳି ରଙ୍ଗ କିଣି କାରିଗରମାନେ ଏହି ପ୍ରଦୂଷଣ ବିପର୍ଯ୍ୟୟ କରିବାକୁ ପଛାଉ ନାହାଁନ୍ତି । ସବୁଜ ବିପ୍ଳବ ନାମରେ ବର୍ତମାନ ପ୍ରଗତି ପଥରେ ସମସ୍ତେ ଆଗେଇ ଚାଲିଥିଲେ ବି ବାସ୍ତବରେ କିନ୍ତୁ ଗୋଦରା କୋଡେ ଯେତେ ମାଡ଼େ ସେତେ ନ୍ୟାୟରେ କିନ୍ତୁ ଏହି ପ୍ରଦୂଷଣକୁ କେହି ଗୁରୁତ୍ୱ ଦେଉନାହାଁନ୍ତି । ସବୁଠାରୁ ବଡ଼ କଥା ହେଉଛି ଜଳ ଆମ ଜୀବନର ପ୍ରମୁଖ ଉତ୍ସ ହେଉଥିବା ବେଳେ ଏହାର ସୁରକ୍ଷା ଦାୟିତ୍ୱ ଆମ ସମସ୍ତଙ୍କର ପ୍ରଧାନ ଓ ସର୍ବୋତମ ଶ୍ରେଷ୍ଠ କର୍ତବ୍ୟ । ରାଜ୍ୟର ଅନେକ ସ୍ଥାନରେ ନଦୀ, ନାଳ ଜଳକୁ ଲୋକମାନେ ନିଜର ନିତ୍ୟ ବ୍ୟବହାର୍ଯ୍ୟେ କାର୍ଯ୍ୟ ଠାରୁ ଜୀବନ ରକ୍ଷକ ପିଇବା ପାଣି, ଗାଈ ଗୋରୁମାନଙ୍କ ବ୍ୟବହାର କରିଥାନ୍ତି । ଏହି ରାସାୟନିକ ପ୍ରଦୂଷଣ ଭୟାନକ ଭାବେ ନଦୀ ନାଳକୁ ସଂକ୍ରମିତ କରିଚାଲୁଥିବାବେଳେ ଏହାକୁ ଯେଉଁମାନେ ପିଇଥାନ୍ତି, ଗାଧୋଇଥାନ୍ତି ସେମାନେ ସିଧାସଳଖ ପ୍ରତ୍ୟକ୍ଷ ଭାବେ ଏହାର ସଂସ୍ପର୍ଶରେ ଆସି ରୋଗାକ୍ରାନ୍ତ ହୋଇଥାନ୍ତି । ସେହିପରି ଗାଈଗୋରୁମାନେ ଏହାକୁ ପିଇବା ଦ୍ୱାରା ସେମାନଙ୍କ ଶରୀର ସ୍ୱାଭାବିକ ଭାବେ ଅସୁସ୍ଥ ହୋଇଥାଏ । କେବଳ ସେତିକି ନୁହେଁ ଚାଷ କ୍ଷେତକୁ ମଧ୍ୟ ଏହି ରାସାୟନିକ ରଙ୍ଗର ପାଣି ଅନେକାଂଶ ଭାବରେ ଯେଉଁ ଗୁରୁତର ଭାବେ ପ୍ରଭାବ ପକାଇଥାଏ ଏହାଦ୍ୱାରା ଚାଷବାସ ମଧ୍ୟ ପ୍ରଭାବିତ ହୋଇଥାଏ ବୋଲି କୃଷିବିଜ୍ଞାନୀ ମାନେ ମତ ଦିଅନ୍ତି । ଏସବୁ ଜାଣି ମଧ୍ୟ ଆମ୍ଭେମାନେ ରାସାୟନିକ ପ୍ରଦୂଷଣକୁ ନେଇ ସାମାନ୍ୟତମ ଚିନ୍ତା କରୁନାହୁଁ । ଆଉ ଗୋଟିଏ କଥା ହେଉଛି ଯେଉଁ ମର୍ତି କାରିଗରମାନେ ସ୍ପ୍ରେ ଦ୍ୱାରା ଏହି ଭୟାନକ ରାସାୟନିକ ରଙ୍ଗ ମୂର୍ତିରେ ଦେଇଥାନ୍ତି ସେମାନେ ଏହାର ପାର୍ଶ୍ୱପ୍ରତିକ୍ରିୟାର ସମ୍ମୁଖୀନ ହୋଇ ସେମାନଙ୍କ ଚର୍ମରେ ଏକ ପ୍ରକାର ବିକିରଣର ପ୍ରଭାବ ପକାଇ ଏହା ସେମାନଙ୍କ ଶରୀରକୁ ରୋଗାକ୍ରାନ୍ତ କରିଥାଏ । ମୂର୍ତି ବିସର୍ଜନ ବେଳେ ଯେଉଁ ପ୍ରକାର ପ୍ରଦୂଷଣ ହେଉଛି ଓ ମୂର୍ତିରେ ବ୍ୟବହୃତ ରଙ୍ଗର ମାନକୁ ନେଇ ଅନେକ ସମୟରେ ମାନ୍ୟବର ଅଦାଲତ ନିର୍ଦ୍ଦେଶାବଳୀ ଦେଉଥିଲେ ବି ଏହାକୁ କେହି ଖାତିର କରୁନାହାଁନ୍ତି କିମ୍ବା ଏହାର ପ୍ରଚାର ପ୍ରସାର ପାଇଁ ସେପରି କୌଣସି ସଚେତନତା ସୃଷ୍ଟି ନ ହେଉଥିବାରୁ ଦିନକୁ ଦିନ ଏହି ପ୍ରଦୂଷଣ ବୃଦ୍ଧି ପାଉଥିଲେ ବି ଏହାକୁ ନେଇ ସାଧାରଣରେ ଲୋକମାନଙ୍କ ଭିତରେ ସଚେତନତାର ବାର୍ତା ପ୍ରଚାର ପ୍ରସାର ହେଉନାହିଁ । ଦଶହରାର ପାର୍ବଣ ଆନନ୍ଦ ମା'ଦୁର୍ଗତୀ ନାଶିନୀ ଦୁର୍ଗାଙ୍କ ଆଶୀର୍ବାଦରୁ ଆରମ୍ଭ ହୋଇଥାଏ । ଧରାପୃଷ୍ଠରେ ମାଆଙ୍କ ଆଗମନୀ ଆମ ସମସ୍ତଙ୍କୁ ଆଶୀର୍ବାଦ ପ୍ରଦାନ କରିବା ସହ ଚଳିତ ବର୍ଷ ପାର୍ବଣରୁ ପ୍ଲାଷ୍ଟିକ ବର୍ଜନ କରିବା ସହ ମର୍ତି ପ୍ରସ୍ତୁତିରେ ରଙ୍ଗର ଯେଉଁପରି ବ୍ୟାପକ ପ୍ରୟୋଗ ହେଉଛି ଏହାକୁ ସଚେତନ କରିବା ସହ ସମସ୍ତଙ୍କୁ ଏକ ସ୍ୱାସ୍ଥ୍ୟ ସଚେତନତାର ବାର୍ତା ଦେଲେ ପାର୍ବଣ ଆନନ୍ଦମୟ ହେବ ।

ଗୋତରା, ମାହାଙ୍ଗା, କଟକ,
ଦୂରଭାଷ : ୯୪୩୭୧୪୨୭୧୭

# ଲକ୍ଷ୍ମୀଭାଇଙ୍କୁ ଲୋତକପୂର୍ଣ୍ଣ ପ୍ରଣିପାତ

**କିଶୋର ଦ୍ୱିବେଦୀ**

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**

ଲକ୍ଷ୍ମୀ ନାରାୟଣ ମହାପାତ୍ର ଓଡ଼ିଶାରେ ତାଙ୍କର ଅସଂଖ୍ୟ ପ୍ରଶଂସକ, ସମର୍ଥକ ଓ ଶୁଭଚିନ୍ତକ ମାନଙ୍କ ମଧ୍ୟରେ ଲକ୍ଷ୍ମୀ ଭାଇ ଭାବରେ ପରିଚିତ ଥିଲେ । ସତୁରୀ ଦଶକର ଶେଷ ଭାଗରେ ଓ ଅଶୀ ଦଶକରେ ସେ ଜଣେ ଉଦୀୟମାନ ଯୁବ ନେତା ଭାବରେ ସାରା ପ୍ରଦେଶରେ ବେଶ ଲୋକପ୍ରିୟତା ଅର୍ଜନ କରିଥିଲେ । ବିଶେଷ କରି ତାଙ୍କର ଦୁର୍ଦ୍ଦଷ, ଦୁଃସାହସିକ ତଥା ଅଗ୍ନିବର୍ଷୀ ସ୍ୱଭାବ ଜନସାଧାରଣଙ୍କୁ ଖୁବ ପ୍ରଭାବିତ କରିଥିଲା । ଜରୁରୀକାଳୀନ ପରିସ୍ଥିତି ପରେ ସେ ଜେଲରୁ ବାହାରିବା ସମୟରେ ହଜାର ହଜାର ଲୋକ ତାଙ୍କୁ ଥରୁଟିଏ ଦେଖିବା ଓ ତାଙ୍କର ଭାଷଣ ଶୁଣିବା ପାଇଁ ଘଂଟା ଘଂଟା ଧରି ଅପେକ୍ଷା କରୁଥିବା କଥା ଜଣା ଅଛି । ଛାତ୍ରାବସ୍ଥାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଏବଂ ପରେ ଭାରତୀୟ ଜନତା ପାର୍ଟିର ସେ ଆଗଧାଡ଼ିର ଟାଣୁଆ ନେତା ଥିଲେ । ଭଦ୍ରକଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ହେଉ କିମ୍ବା କଟକଠାରୁ କଳାହାଣ୍ଡି ହେଉ, ଛାତ୍ର ସଂସଦ ନିର୍ବାଚନ ପ୍ରଚାର ଅବା ଦଳୀୟ ସାଙ୍ଗଠନିକ କାର୍ଯ୍ୟ ନିର୍ବାହ ପାଇଁ ସେ ଯେଉଁଆଡ଼ ? ଯାଉଥିଲେ, ତାଙ୍କର ସ୍ୱତନ୍ତ୍ର ଛାପ ଛାଡୁଥିଲେ । ମୁଁ ଭଦ୍ରକ ମହାବିଦ୍ୟାଳୟରେ କଳା ବିଭାଗର ସ୍ନାତକ ଛାତ୍ର ଭାବରେ ୧୯୭୯ ମସିହାରେ ନାମ ଲେଖାଇବା ପରେ ମୋର ସହପାଠୀ ପବିତ୍ର ପାଣିଗ୍ରାହୀ ତାଙ୍କ ସହିତ ମୋର ପରିଚୟ କରାଇଥିଲେ । ପ୍ରଥମ ଦେଖାରୁ ସେ ମତେ ଖୁବ୍ ପସନ୍ଦ କରିବା ଆରମ୍ଭ କରିଥିଲେ । ଆମ ଗାଁ ବରୀ ପ୍ରତି ତାଙ୍କର ସ୍ୱତନ୍ତ୍ର ଦୁର୍ବଳତା ଥିଲା । କାରଣ ଜରୁରୀକାଳୀନ ପରିସ୍ଥିତି ସମୟରେ ତାଙ୍କୁ ଯେତେବେଳେ ପୋଲିସ ଗିରଫ କରିବା ପାଇଁ ଖୋଜୁଥିଲା, ସେ ସମୟରେ ସେ ଆମ ଗାଁର ତତ୍କାଳୀନ ଭଦ୍ରକ ମହାବିଦ୍ୟାଳୟର ଛାତ୍ର ଭାରତଭାନୁ ଦାସଙ୍କ ଘରେ କିଛି କାଳ ଆତ୍ମଗୋପନ କରିଥିଲେ । ପରବର୍ତୀ ସମୟରେ ତାଙ୍କର ଓ ମନମୋହନ ସାମଲ ଭାଇଙ୍କର ପ୍ରେରଣାରେ ମୁଁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ( ଏବିଭିପି) ରେ ଯୋଗ ଦେଇଥିଲି । ମୋର କାର୍ଯ୍ୟ ଦକ୍ଷତା ତଥା ସାଙ୍ଗଠନିକ ସାମର୍ଥ୍ୟରେ ସେ ଏତେ ପ୍ରଭାବିତ ହୋଇଥିଲେ ଯେ ମତେ ଏବିଭିପି ଭଦ୍ରକ ସାଙ୍ଗଠନିକ ଜିଲ୍ଲାର ସଭାପତି ଦାୟିତ୍ୱ ଦେଇଥିଲେ । ମୁଁ ୧୯୭୯-୮୦ ଓ ୮୦-୮୧ ଦୁଇବର୍ଷ କାଳ ଏହି ପଦବୀରେ ରହିଥିଲି । ମୋ ପ୍ରତି ଲକ୍ଷ୍ମୀଭାଇଙ୍କର ଅଜସ୍ର ଶ୍ରଦ୍ଧା, ସଦିଚ୍ଛା ଓ ସମବେଦନା ରହିଥିଲା । ସମୟ କ୍ରମେ ମୁଁ ତାଙ୍କର ପରିବାରର ସଦସ୍ୟ ପରି ହୋଇଯାଇଥିଲି । ସବିତା ଭାଉଜ ମୋତେ ବହୁତ ସ୍ନେହ କରୁଥିଲେ । ମୁଁ ଯେତେବେଳେ ତାଙ୍କର କୁଆଁଶ ଘରକୁ ଯାଉଥିଲି, ସଦାସର୍ବଦା ସେ ଖୋଇକି ଛାଡୁଥିଲେ ।ଏହାପରେ ୧୯୮୧ ମସିହାରେ ମୁଁ ଅର୍ଥନୀତିରେ ସ୍ନାତକୋତର ଛାତ୍ର ଥିବା ବେଳେ ସେ ମତେ ଭଦ୍ରକ ମହାବିଦ୍ୟାଳୟର ଛାତ୍ର ସଂସଦର ନିର୍ବାଚନରେ ସଭାପତି ପ୍ରାର୍ଥୀ ଭାବରେ ମନୋନୀତ କରିଥିଲେ । ସେତେବେଳେ ରେଭେନ୍ସା ପରେ ଭଦ୍ରକ କଲେଜ ଓଡ଼ିଶାର ଦ୍ୱିତୀୟ ବୃହତମ ମହାବିଦ୍ୟାଳୟ ଭାବରେ ସୁଖ୍ୟାତି ଅର୍ଜନ କରିଥିଲା । ରାଜନୈତିକ ଦୃଷ୍ଟିକୋଣରୁ ଛାତ୍ର ସଂଘ ନିର୍ବାଚନ ମଧ୍ୟ ବେଶ ସ୍ପର୍ଶକାତର ଥିଲା । କାରଣ ସାରା ଓଡ଼ିଶାର ଦୃଷ୍ଟି ଏହାର ଫଳାଫଳ ଉପରେ ନିବଦ୍ଧ ଥିଲା । ସମଗ୍ର ରାଜ୍ୟର ଛାତ୍ର ଓ ସାଧାରଣ ରାଜନୀତିକୁ ଭଦ୍ରକ ମହାବିଦ୍ୟାଳୟ ନୂଆମୋଡ଼ ଦେଇ ଆସୁଥିଲା । ସେତେବେଳେ ଓଡ଼ିଶା ରାଜନୀତିର ଭୀଷ୍ମ ପିତାମହ ଡଃ ହରେକୃଷ୍ଣ ମହତାବ ଖୁବ ସକ୍ରୀୟ ଥିଲେ । ଭଦ୍ରକର ଉଭୟ ସାଧାରଣ ଓ ଛାତ୍ର ରାଜନୀତି ସହିତ ସେ ଓତଃପ୍ରୋତ ଭାବେ ଜଡ଼ିତ ରହିଥିଲେ । ଲକ୍ଷ୍ମୀ ଭାଇଙ୍କୁ ଡଃ. ମହତାବ ବହୁତ ଭଲ ପାଉଥିଲେ । ଏବିଭିପିର ରଣ କୌଶଳ ପ୍ରସ୍ତୁତ ବୈଠକ ପାଇଁ ସେ ନୂଆବଜାର ସ୍ଥିତ ମହତାବ କୋଠିକୁ ଛାଡ଼ି ଦେଇଥିଲେ । ଭଦ୍ରକ ପାଇଁ ମୁଁ ଅପେକ୍ଷାକୃତ ନୂଆ ଚେହେରା ହୋଇଥିବାରୁ ଏବଂ ପୂର୍ବବର୍ଷ ଅର୍ଥାତ ୧୯୮୦ ମସିହାରେ ମହାବିଦ୍ୟାଳୟରେ ଏସଏଫଆଇର ଶାସନ ଥିବାରୁ ତତ୍କାଳୀନ ଛାତ୍ର ସଙ୍ଘ ନିର୍ବାଚନ ମୋ ପାଇଁ ଅତ୍ୟନ୍ତ କଷ୍ଟକର ଓ ଆହ୍ୱାନପୂର୍ଣ୍ଣ ଥିଲା । ଲକ୍ଷ୍ମୀ ଭାଇ କିନ୍ତୁ ନଛୋଡବନ୍ଧା ଥିଲେ । ତାଙ୍କର ଜିଦି ଥିଲା, ଆମେ ଯେମିତିହେଲେ ଏହି ନିର୍ବାଚନ ଜିତିବା ଦରକାର । ଏଣୁ ରାତିରାତି ଅନିଦ୍ରା ହୋଇ ନେହେରୁ ଷ୍ଟାଡିୟମଠାରେ ସେ ମତେ ଭାଷଣ ଶିଖାଉଥିଲେ । ଏକଥା ମନେ ପଡ଼ିଲେ ମୁଁ ଆଜିବି ରୋମାଂଚିତ ହୋଇଯାଏ ।ଥରେ ତାଙ୍କର ଏକ ସାୟରି ମୁଁ ଅଧାରୁ ଭୁଲିଯିବା ଯୋଗୁଁ ତାଙ୍କଠାରୁ ଶକ୍ତ ଚାପୁଡ଼ା ବି ଖାଇଥିଲି । କିନ୍ତୁ ତାଙ୍କର ଏହି ଗୁରୁଜ୍ଞାନ ପରବର୍ତୀ ଜୀବନରେ ମୋ ପାଇଁ ବହୁ ଭାବରେ ସହାୟକ ହୋଇଥିଲା ।



କେବଳ ସେଥର ନୁହେଁ ମୁଁ କ୍ରମାଗତ ଭାବରେ ଦୁଇ ଦୁଇ ଥର ଅର୍ଥାତ ୧୯୮୧ -୮୨ ଏବଂ ୧୯୮୨-୮୩ ମସିହାରେ ଭଦ୍ରକ ମହାବିଦ୍ୟାଳୟ ଛାତ୍ର ସଂସଦର ସଭାପତି ଭାବରେ ନିର୍ବାଚିତ ହୋଇ ରେକର୍ଡ ସୃଷ୍ଟି କରିଥିଲି । ସବୁ କିଛି ଲକ୍ଷ୍ମୀ ଭାଇଙ୍କର ଅଶେଷ ଆଶୀର୍ବାଦର ଫଳ ଥିଲା । ଭଦ୍ରକ ମହାବିଦ୍ୟାଳୟ ସଭାପତି କାର୍ଯ୍ୟକାଳ ସମୟରେ ସେ ମତେ ପାର୍ଶ୍ୱବର୍ତୀ ମହାବିଦ୍ୟାଳୟ ଯଥା:- ଧାମନଗର, ସୋର, ରାଜକନିକା ଆଦିକୁ ସାଙ୍ଗଠନିକ କାମରେ ପଠାଉଥିଲେ ।

ମୋର ସ୍ନାତକୋତର ଶିକ୍ଷା ସମାପ୍ତି ପରେ ମୁଁ ଦିଲ୍ଲୀରେ ସାମ୍ବାଦିକତା ପଢ଼ି ଜାତୀୟ ରାଜଧାନୀରେ ମୋର ବୃତିଗତ ଜୀବନ ଆରମ୍ଭ କରିଥିଲି । କିନ୍ତୁ ଲକ୍ଷ୍ମୀ ଭାଇଙ୍କ ସହିତ ସର୍ବଦା ଯୋଗାଯୋଗ ରହିଥିଲା । ସେ ଯେତେବେଳେ ବି ଦିଲ୍ଲୀ ଆସୁଥିଲେ ମୁଁ ତାଙ୍କର ପାଖାପାଖି ରହୁଥିଲି । ତାଙ୍କର ଅନ୍ତରଙ୍ଗ ବନ୍ଧୁ ଦିଲ୍ଲୀ ବିଜେପିର ବରିଷ୍ଠ ନେତା ସୁରିନ୍ଦର ପାଲ ରତୱାଲଙ୍କ ଘରେ ଆମେ ବହୁବାର ଭୋଜନ କରିଛୁ । ନିକଟରେ ଦିଲ୍ଲୀ ବିଧାନସଭାର ବାଚସ୍ପତି ବିଜେନ୍ଦର ଗୁପ୍ତା ମତେ ଲକ୍ଷ୍ମୀ ଭାଇଙ୍କ କଥା ପଚାରୁଥିଲେ । ସେ ଯେତେବେଳେ ବହୁ ବର୍ଷ ପୂର୍ବେ ? ପ୍ରଥମେ ଓଡ଼ିଶା ଆସିଥିଲେ ଲକ୍ଷ୍ମୀଭାଇ ତାଙ୍କୁ ଆତିଥ୍ୟ ପ୍ରଦାନ କରିବା କଥା ସେ କହୁଥିଲେ । ଯୁବ ମୋର୍ଚ୍ଚାର ସେ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଥିବାରୁ ସର୍ବଭାରତୀୟ ସ୍ତରରେ ବିଜେପିର ବହୁ ତୁଙ୍ଗ ନେତାଙ୍କ ସହିତ ବ୍ୟକ୍ତିଗତ ସ୍ତରରେ ତାଙ୍କର ସମ୍ପର୍କ ଥିଲା । ଅଟଳ ବିହାରୀ ବାଜପେୟୀ ଏବଂ ରାମ ଜେଠମଲାନିଙ୍କ ଘରକୁ ମୁଁ ତାଙ୍କ ସହିତ ବହୁବାର ଯାଇଛି । ମଝିରେ ମଝିରେ ଲକ୍ଷ୍ମୀଭାଇ ମୋ ପାଖକୁ ଭଦ୍ରକର ପ୍ରସିଦ୍ଧ ଖାଦ୍ୟ ସାମଗ୍ରୀ ପଠାଉଥିଲେ ।ଏ ମଧ୍ୟରେ ମୋର ପ୍ରିୟ ପାଲୁଅ ଲଡୁ ଓ ଚାନ୍ଦବାଲି ଶୁଖୁଆ ଅନ୍ୟତମ ଥିଲା । ଗୁରୁବାର ତାଙ୍କର ମହାପ୍ରୟାଣ ଦିବସ ଅବସରରେ ମୋର ଛାତ୍ର ରାଜନୀତିର ପ୍ରଥମ ଓ ପରମ ଗୁରୁ ଲକ୍ଷ୍ମୀ ଭାଇଙ୍କୁ ମୁଁ ଲୋତକପୂର୍ଣ୍ଣ ପ୍ରଣିପାତ ଜଣାଉଛି ।

*ବରିଷ୍ଠ ସାମ୍ବାଦିକ, ନୂଆଦିଲ୍ଲୀ*
*ଅଧ୍ୟକ୍ଷ, ୱାଲର୍ଡ ଓଡ଼ିଶା ସୋସାଇଟି*

# ବିରଳ ମହାତ୍ମା ସ୍ୱାମୀ ଚିଦାନନ୍ଦ

**ହେମନ୍ତ କୁମାର ପରିଡ଼ା**

ସୃଷ୍ଟିର କଲ୍ୟାଣରେ ନିତ୍ୟ ନିରତ ଯୁକ୍ତ ଥିବା ବ୍ୟକ୍ତିମାନେ ସାଧୁପଦବାଚ୍ୟ । ସନାତନ ସଂସ୍କୃତିର ଏହି ସାଧୁସନ୍ଥ ମାନଙ୍କୁ ସୃଷ୍ଟିର ଶ୍ରେଷ୍ଠ ସମ୍ପଦ ଭାବେ ବିବେଚନା କରାଯାଇ ଶ୍ରେଷ୍ଠ ସମ୍ମାନ ପ୍ରଦାନ କରାଯାଇଛି । ସେହିମାନଙ୍କ ମହିମାରେ ଏହି ଧରିତ୍ରୀ ମହିମା ମଣ୍ଡିତ ହୋଇଛି । ଯୁଗେ ଯୁଗେ ସେହିମାନଙ୍କର ତପଶକ୍ତି ଏହି ଧରଣୀକୁ ଧାରଣ କରିବା ସହିତ ସମାଜକୁ ସତମାର୍ଗ ପ୍ରଦର୍ଶନ କରିଆସିଛି । ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ଆଧୁନିକ ବିଶ୍ୱର ସେହିଭଳି ଜଣେ ମହାନ ସନ୍ଥ ମହାତପସ୍ୱୀ । ଆପଣା ତପଶକ୍ତିର ଦିବ୍ୟ ପ୍ରକାଶରେ ସେ ବିଶ୍ୱବାସୀଙ୍କୁ ଦିବ୍ୟ ଜୀବନ ମାର୍ଗଦର୍ଶନ କରାଇଛନ୍ତି । ୧୯୧୬ ମସିହା ସେପ୍ଟେମ୍ବର ୨୪ ତାରିକ ଦିନ ଏହି ଦିବ୍ୟ ଆତ୍ମା ଦକ୍ଷିଣ ଭାରତର ମାଙ୍ଗାଲୋର ଠାରେ ପିତା ଶ୍ରୀନିବାସ ରାଓ ଓ ମାତା ସରୋଜିନୀ ଦେବୀଙ୍କ କୋଳମଣ୍ଡନ କରି ଧରାବତରଣ କରିଥିଲେ । ଏକ ପ୍ରଖ୍ୟାତ ସଂସ୍କୃତି ସମ୍ପନ୍ନ ବ୍ରାହ୍ମଣ ପରିବାର । ମାମୁଁ ଘରେ ଜନ୍ମ ହୋଇ ପ୍ରାୟ ୧୬ ବର୍ଷ ଯାଏ ସେଇଠାରେ ବଢ଼ିଥିଲେ । ତାଙ୍କର ଅଜା ଥିଲେ ମାଙ୍ଗାଲୋର ଅଂଚଳର ଜଣେ ଅତ୍ୟନ୍ତ ପ୍ରସିଦ୍ଧ ଓ ପ୍ରଭାବଶାଳୀ ବ୍ୟକ୍ତି । ଲୋକେ ତାଙ୍କୁ ସେଠାକାର ମୁକୁଟ ବିହୀନ ସମ୍ରାଟ ଭାବି ଜ୍ଞାନ କରୁଥିଲେ । ଶ୍ରଦ୍ଧାରେ ଏହି ଦିବ୍ୟ ଶିଶୁଙ୍କ ନାମ ରଖାଯାଇଥିଲା ଶ୍ରୀଧର । ଜାତିର ପିତା ମହାତ୍ମା ଗାନ୍ଧୀ ଦକ୍ଷିଣ ଭାରତ ଭ୍ରମଣ ବେଳେ ଏକାଧିକ ବାର ତାଙ୍କ ଘରେ ଅତିଥି ହୋଇଥିଲେ । ଶିଶୁ ଶ୍ରୀଧର ବହୁବାର ତାଙ୍କ କୋଳରେ ବସିବାର ସୌଭାଗ୍ୟ ଲାଭ କରିଥିଲେ । ସେ ମାଙ୍ଗାଲୋରର ଏକ ପ୍ରସିଦ୍ଧ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ମାଧ୍ୟମିକ ଶିକ୍ଷା ସମାପ୍ତ କରି ଉଚ୍ଚଶିକ୍ଷା ପାଇଁ ପିତୃଗୃହ ମାଡ୍ରାସ ଚାଲି ଆସିଥିଲା ।

ମାତୃଗୃହ ଓ ପିତୃଗୃହ ଉଭୟର ପରିବେଶ ଥିଲା ଅତ୍ୟନ୍ତ ଆଧାତ୍ମିକ । ପିଲା ଦିନ ଏହି ଆଧାତ୍ମିକ ସଂସ୍କାର ତାଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା । ମାଡ୍ରାସର ପ୍ରସିଦ୍ଧ ଲୟୋଲା କଲେଜରୁ ସେ କୃତୀତ୍ୱର ସହିତ ଉଚ୍ଚଶିକ୍ଷା ସମାପ୍ତ କରିଥିଲେ । ଜଣେ ବୈମାନିକ ହେବା ପାଇଁ ତାଙ୍କୁ ନିଯୁକ୍ତି ପତ୍ର ପ୍ରାପ୍ତ ହୋଇଥିଲା । ସଂସାରର ସମସ୍ତ ସୌଭାଗ୍ୟ ତାଙ୍କୁ ଆଉ ବାନ୍ଧି ପାରିଲା ନାହିଁ । ସମସ୍ତ ଆର୍କର୍ଷଣ ତ୍ୟାଗ କରି ସେ ପରମସିଦ୍ଧି ସନ୍ଧାନରେ ତପ ସାଧନା ପାଇଁ ତପୋଭୂମି ହିମାଳୟ ଚାଲି ଆସିଲେ । ସେଠାରେ ଦିବ୍ୟ ଜୀବନ ସଂଘର ପ୍ରାଣ ପ୍ରତିଷ୍ଠା ମହାଯୋଗୀ ସ୍ୱାମୀ ଶିବାନନ୍ଦଙ୍କ ଚରଣରେ ନିଜକୁ ସମର୍ପି ଦେଇଥିଲେ । କିଛି ବର୍ଷର ସେବା ଓ ସାଧନାରେ ପ୍ରୀତ ହୋଇ ୧୯୪୯ ମସିହା ଗୁରୁପୂର୍ଣ୍ଣିମା ଦିନ ପୂଜ୍ୟ ସ୍ୱାମୀଜୀ ବ୍ରହ୍ମଚାରୀ ଶ୍ରୀଧରଙ୍କୁ ପବିତ୍ର ସନ୍ନ୍ୟାସ ଦୀକ୍ଷା ପ୍ରଦାନ କରି ସ୍ୱାମୀ ଚିଦାନନ୍ଦ ନାମରେ ନାମିତ କରିଥିଲେ । ଗୁଣ ଚିହ୍ନେ ଗୁଣିଆ, ଗୁରୁ ଶିବାନନ୍ଦ ଶିଷ୍ୟର ଆଧାତ୍ମିକ ସ୍ଥିତି ଓ ଜନ୍ମ ଜନ୍ମର ସାଧନାକୁ ଅନୁଭବ କରି ଯଥାର୍ଥ ରୂପେ ଚିଦାନନ୍ଦ ନାମ ପ୍ରଦାନ କରିଥିଲେ । ସେ କହିଥିଲେ - ସ୍ୱାମୀଜୀ ଶିଷ୍ୟ ଚିଦାନନ୍ଦଙ୍କ ଉପରେ ମନ୍ତବ୍ୟ ଦେଇ କହିଥିଲେ ସ୍ୱାମୀ ଚିଦାନନ୍ଦ ବାସ୍ତବରେ ମୋର ଗୁରୁ ହେବାକଥା । କୌଣସି କର୍ମ ବିପାକରୁ ଏବେ ସେ ମୋର ଶିଷ୍ୟ ହୋଇଛନ୍ତି । ପିଲାଟି ଦିନରୁ ତାଙ୍କ ଭିତର ଅନେକ ଦିବ୍ୟ ଭାବର ପ୍ରକାଶ ଘଟିଥିଲା ।

ତାଙ୍କ ମା'ଥିଲେ ଜଣେ ମହୀୟସୀ ମହିଳା । ମାଆଙ୍କ ପ୍ରଭାବ ଗଭୀର ଭାବେ ତାଙ୍କ ଉପରେ ପଡ଼ିଥିଲା । ମଣିଷ, ମଣିଷ ଏପରିକି ପଶୁପକ୍ଷୀ, କୀଟ ପତଙ୍ଗ, ବୃକ୍ଷଲତାମାନେ ମଧ୍ୟ ତାଙ୍କ କୃପା କଟାକ୍ଷରୁ ବାଦ ପଡୁନଥିଲେ । ପାଣିରେ ପଡ଼ିଯାଇଥିବା ପତଙ୍ଗର ଉଧାର ପାଇଁ ଯନ୍ତ୍ରଣାରେ ଛଟପଟ ହେଉଥିବା ବୁଲାକୁକୁରର, ଗଳି କ୍ଷେତ ସଫା କରି ତାକୁ ଆରାମ ଦେବା ପାଇଁ, ଏହିଭଳି ବିଭିନ୍ନ ଅବସ୍ଥାରେ ସେ ଦୁଃଖୀଟିଏ ଦେଖିଲେ ତା ଦୁଃଖର ଉପଷମ ପାଇଁ ତତ୍ପର ହୋଇ ଉଠୁଥିଲେ । ନିଜ ବାରଣ୍ଡାରେ ଥିବା ଫୁଲ କୁଣ୍ଡ ଗୁଡ଼ିକ ଜଳ ବିନା ଝାଉଁଳି ପଡ଼ିଥିଲେ, ସେ ସଙ୍ଗେ ସଙ୍ଗେ ନିଜେ ଜଳ ଦେଇ ସାରି ଦାୟିତ୍ୱରେ ଥିବା ସେବକ ଭକ୍ତ ମାନଙ୍କୁ ବଚାରିଲେ ଏହି କୁଣ୍ଡ ମାନଙ୍କରେ କେତେ ଦିନ ହେବ ପାଣି ଦିଆଯାଇନାହିଁ । ତିନି ଦିନ ହେବ ଦିଆହୋଇନାହିଁ ଜାଣିପାରି ସେ କାହାକୁ କିଛି ନକହି ଆତ୍ମଦଣ୍ଡ ସ୍ୱରୂପ ତିନି ଦିନ କାଷ୍ଠା ଉପବାସ ରହିଲେ । ଏହାକୁ ପାପର ପ୍ରାୟଶଚିତ ବୋଲି ବ୍ୟଥାତୁର ଭାବରେ ବ୍ୟକ୍ତ କଲେ । ଏହିଭଳି ଅସଂଖ୍ୟ ଉଦାହରଣରେ ତାଙ୍କ ଅତି ମାନବୀୟ ସେବାକୃତି ପୂର୍ଣ୍ଣ ଜୀବନଚର୍ଯ୍ୟା ରୁଦ୍ଧିମନ୍ତ ।

୧୯୪୮ରେ ଗୁରୁଦେବ ସ୍ୱାମୀ ଶିବାନନ୍ଦ ମହାରାଜ ତାଙ୍କ ଆଶ୍ରମ ରଷିକେଶରେ ଆରମ୍ଭ କରିଥିଲେ ଯୋଗ ବେଦାନ୍ତ ଆରଣ୍ୟକ ବିଶ୍ୱ ବିଦ୍ୟାଳୟ । ସ୍ୱାମୀ ଚିଦାନନ୍ଦଙ୍କୁ ସେ ସେହି ବିଦ୍ୟାଳୟର କୁଳପତି ଓ ରାଜଯୋଗର ପ୍ରାଚାର୍ଯ୍ୟ ଦାୟିତ୍ୱରେ ଅବସ୍ଥାପିତ କରିଥିଲେ । ଗୁରୁଙ୍କ ଆଦେଶକୁ ଆଶୀର୍ବାଦ ରୂପ ଧାରଣ କରି ସେ ବିଶ୍ୱ ଭ୍ରମଣ କରିଥିଲେ । ଗୁରୁବାଣୀ ମାଧ୍ୟମରେ ଭାରତୀୟ ସଂସ୍କୃତି ଓ ଯୋଗ ବେଦାନ୍ତ ଆଜିର ପ୍ରଚାର ପ୍ରସାର କରି ସେ ପାଶ୍ଚାତ୍ୟ ଭକ୍ତ ମାନଙ୍କର ହୃଦୟ ଜିଣି ନେଇଥିଲେ । ମାର୍ଯ୍ୟାଦାର ଚରମ ପରାକାଷ୍ଠା ତାଙ୍କ ବ୍ୟବହାରରେ ପରିଦୃଷ୍ଟ ହେଉଥିଲା । ନମ୍ରତା ତାଙ୍କର ଭୂଷଣ ଥିଲା । ଭାରତ ବର୍ଷର ବଡ଼ ବଡ଼ ମହାତ୍ମାମାନେ ତାଙ୍କୁ ପ୍ରେମର ଅବତାର, ମର୍ଯ୍ୟଦାବନ୍ତ ରାମ ଭଗବାନ ବୋଲି କହିବାକୁ ଭୁଲୁ ନଥିଲେ । ବିଶ୍ୱ ବନ୍ଦିତ ପରମହଂସ ପ୍ରଜ୍ଞାନାନନ୍ଦଙ୍କ ଗୁରୁ ପରମହଂସ ହରିହରା ନନ୍ଦ ଥରେ ଶିଷ୍ୟ ପ୍ରଜ୍ଞାନାନନ୍ଦଙ୍କୁ କହିଥିଲେ ସାଧନ କ୍ଷେତ୍ରରେ ନମ୍ରତା ଶ୍ରେଷ୍ଠ ଅବଲମ୍ବନ । ଯଦି ଜୀବନରେ ନମ୍ରତା ଶିକ୍ଷା କରିବାର ଅଛି ତେବେ ସ୍ୱାମୀ ଚିଦାନନ୍ଦ ମହାରାଜଙ୍କୁ ଅନୁକରଣ କର ।

ସେ ଥିଲେ ଜଣେ ସୁଲେଖକ, ଉତମ ବକ୍ତା, ସୁସଙ୍ଗଠକ, ସମାଜ ସଂସ୍କାରକ, ବହୁ ପୁସ୍ତକର ପ୍ରଣେତା । ତାଙ୍କ ନାମ ଶୁଣି ଲୋକମାନେ ପୃଥିବୀର କୋଣ ଅନୁକୋଣରୁ ଧାଇଁ ଆସୁଥିଲେ । ସ୍ୱାମୀଜୀ ଥିଲେ ଶ୍ରଦ୍ଧା, ପ୍ରେମ, ଜ୍ଞାନ, ଭକ୍ତି, ବୈରାଗ୍ୟର ଘନ ବିଗ୍ରହ । ୧୯୬୩ରେ ସ୍ୱାମୀ ଶିବାନନ୍ଦ ମହାସମାଧି ପ୍ରାପ୍ତ ହେଲେ । ସେବେଠାରୁ ଅଗଷ୍ଟ ୨୮ ତାରିଖ ୨୦୦୮ ପର୍ଯ୍ୟନ୍ତ ସେ ଦିବ୍ୟ ଜୀବନ ସଂଘର ସଭାପତି ରହି ମହାସମାଧି ପ୍ରାପ୍ତ ହୋଇଥିଲେ । ସ୍ୱାମୀଜୀଙ୍କ ମର ଶରୀର ପଂଚଭୂତରେ ବିଲୀନ ହୋଇଗଲା ହେଲେ ଗୁରୁ ଚିଦାନନ୍ଦ କୋଟି ପ୍ରାଣର ଦେବତା ହୋଇ ରହିଗଲେ । ତାଙ୍କର ଶୁଭ ଜନ୍ମ ଦିନରେ ସେହି ବିଶ୍ୱ ପ୍ରାଣ ମହା ମାନବଙ୍କୁ ବିନମ୍ର ପ୍ରଣତୀ ।

ମାଳତୀକୁଞ୍ଜ, ପ୍ଲଟନଂ ୫୨୬/ଡି,
ସେକ୍ଟର-୧୦, ସିଡିଏ, କଟକ,
ଦୂରଭାଷ : ୮୭୬୩୧୦୭୧୨୬

# ଆଜିର ରାଜନୀତି: ଜନସେବା ନୁହେଁ, ବ୍ୟବସାୟ



**ଅନିଲ୍ ମିଶ୍ର**

ସମୟ ଥିଲା ରାଜନୀତିକୁ ସେବାର ପଥ ବୋଲି ଦେଖାଯାଉଥିଲା । ଯେଉଁଠି ନେତାମାନେ ବଳିଦାନ ଓ ତ୍ୟାଗର ମନୋଭାବରେ ସମାଜକୁ ଆଗକୁ ନେବାରେ ଲାଗୁଥିଲେ । କିନ୍ତୁ ଆଜି ସେଇ ରାଜନୀତି, ଆମ ସାମ୍ନାରେ ଏକ ବ୍ୟବସାୟ ପନ୍ଥା ର ରୂପ ଧାରଣ କରିଛି । ରାଜନୀତିକ ଦଳ ସଂଗଠନ ନୁହେଁ, ବ୍ୟବସାୟିକ କମ୍ପାନୀ, ନେତାମାନେ ପ୍ରତିନିଧି ନୁହେଁ, କେବଳ କର୍ମଚାରୀ, ଓ ଜନସାଧାରଣଙ୍କର ଭୋଟ ହେଉଛି ସେମାନଙ୍କର ପୁଞ୍ଜି ।

ଗାଁ ରୁ ସହର ସବୁଠି ନିର୍ବାଚନ ସମୟରେ ଯାହା ଦେଖିବାକୁ ମିଳେ, ସେ ସବୁ ଆମ ସମାଜର ଦୁର୍ଭାଗ୍ୟର କାହାଣୀ । କିଛି ଟଙ୍କା, କିଛି ବୋତଲ ମଦ କିମ୍ବା କିଛି କିଲୋ ମାଂସ,ଏଇ ସବୁ ଦେଇ ଲୋକଙ୍କର ଭୋଟ କିଣା ଯିବାର କାହାଣୀ ଆମକୁ ଅଛପା ନୁହେଁ । ଏହି କାହାଣୀ କେବଳ ଲୋଭର ନୁହେଁ, ଏହା ହେଉଛି ଦୁର୍ଦ୍ଦଶା ଓ ଅସହାୟତାର କାହାଣୀ । ଜଣେ ଦିନମଜୁରିଆ, ଜଣେ ଗରିବ ମା' କିମ୍ବା ବେରୋଜଗାର ଯୁବକ, ସେହି କିଛି ଟଙ୍କାକୁ ନେବାକୁ ବାଧ ହେଉଛି କାରଣ ପରିବାରର ଦୁଃଖ ସେଥିରେ କିଛି ଦିନ ପାଇଁ କମ୍ ହେଇ ଯାଉଛି । କିନ୍ତୁ ସେଥିରୁ କିଛିକ୍ଷଣର ସାନ୍ତ୍ୱନା ମିଳିଲେ ମଧ୍ୟ, ତାଙ୍କର ଆଗାମୀ ୫ ବର୍ଷର ଭବିଷ୍ୟତ ସେଇ "ବ୍ୟବସାୟୀ" ନେତାଙ୍କ ହାତରେ ବିକ୍ରି ହୋଇଯାଉଛି ।ଆମେ ବୁଝିବା ଦରକାର, ନେତାମାନେ ଆମ ଆଶା ଓ ଆକାଂକ୍ଷା ସହ ଖେଳି ଆସୁଛନ୍ତି । ସେମାନେ ସେଇଆ ହିଁ ଚାହୁଁଛନ୍ତି ଆମେ ପ୍ରଶ୍ନ ନକରୁ, ନିରବ ରହୁ ଆଉ ସବୁ ଥର ଆମେ ସେଇ ବେପାରୀ ମାନଙ୍କ ଙ୍କ ଯୋଜନା କୁ ବୁଝି ଅବୁଝା ହେଇ ଯାଉଛେ, କେବଳ ଗୋଟେ ଆଶା ରେ କି କିଛି ବଦଳିବ, ହେଲେ ଅମେ ଭାବୁନେ ଯେ ଆମେ ହିଁ ସେଇ ନୂଆ ଓଡ଼ିଶା ର ସୂତ୍ରଧାର ।ଦୀର୍ଘ ୮ ବର୍ଷଧରି ଛାତ୍ର ସଂସଦ ନିର୍ବାଚନ କୁ ବନ୍ଦ କରିବାର କାରଣ ହେଉଛି ବିଭିନ୍ନ ଦଳରବେପାରୀ ମାନେ ଚାହୁଁ ନାହାନ୍ତି ଛାତ୍ର ଛାତ୍ରୀ ମାନେ ରାଜ୍ୟ ର ରାଜନୀତି କୁ ବୁଝନ୍ତୁ ଏବଂ ତାଙ୍କ ହକ୍ ପାଇଁ ଲଢେଇ କରନ୍ତୁ ସେଥିଲାଗି ଏମାନେ ସବୁ କୁ ବନ୍ଦ କରି ଛାତ୍ର, ଯୁବ ଗୋଷ୍ଠୀ ଏବଂ ଗଣତନ୍ତ୍ର କୁ ପଥଭ୍ରଷ୍ଟ କରିବାରେ ଲାଗିଛନ୍ତି । ଓଡ଼ିଶା ହେଉଛି ଏକ ଧନି ରାଜ୍ୟ, ବହୁତ ପ୍ରାକୃତିକ ସମ୍ପଦ ସହିତ ଆମ ମହାନ୍ ସଂସ୍କୃତି ପାଇଁ, ତଥାପି ବଡ଼ ଭାଗ ଯୁବ ଗୋଷ୍ଠୀ ବେରୋଜଗାର ରହିଛନ୍ତି କଣ ପାଇଁ? ଆଉ ଅଧିକାଂଶ ଯେଉଁ ସବୁ ଚାକିରି ପାଇଁ ପ୍ରସ୍ତୁତ ହେଉଛନ୍ତି ସେସବୁର ବାସ୍ତବ ଅସ୍ତିତ୍ୱ କିଛି ନାହିଁ । ବହୁତ୍ ପାଠ ପଢ଼ି ବିଯୁବ ପିଢ଼ୀଙ୍କ ପାଖରେ ରୋଜଗାର ପନ୍ଥା ନାହିଁ କାରଣ ଯେତିକି ସୁଯୋଗ ସୃଷ୍ଟି ହେଉଛି ତାହା ସମୁଦ୍ର କୁ ଶଙ୍ଖ ? ।ସରକାର ଓ ନେତାମାନେ ବର୍ଷ ବର୍ଷ ଧରି ଏହାର କ୍ରେଡିଟ୍ ନେଉଛନ୍ତି, ଏବଂ ଆମେ ଏହି "ରାଜନୀତିକ ବ୍ୟବସାୟୀ"ଙ୍କୁ ଭୋଟ ଦେଇ ନିରୀହ ଆଉ ଗରିବ ଲୋକଙ୍କ ଉପରେ ଶାସନ କରିବାକୁ ସାହାଯ୍ୟ କରୁଛୁ ।ଯେଉଁ ଖଣିଜ ସମ୍ପଦ ପାଇଁ ସମସ୍ତ ରାଜନୀତି ଚାଲୁଛି, ଧିରେ-ଧିରେ ସବୁସମାପ୍ତ ହେଇଯିବ । ତା'ପରେ ରାଜ୍ୟର ଅବସ୍ଥା ଏମିତି ଦୟନୀୟ ହୋଇପଡ଼ିବ ଯେ, ଲୋକମାନେ ନିଜ ମାଟିରେ ମଧ୍ୟ ସୁରକ୍ଷିତ ରହିପାରିବେ ନାହିଁ ।

ଲୋକତନ୍ତ୍ରର ଆତ୍ମା ହେଉଛି ସେବା । କିନ୍ତୁ ଦୁର୍ଭାଗ୍ୟବଶତଃ, ଆମେ ଏମିତି ପ୍ରାର୍ଥୀଙ୍କୁ ବାଛୁଛୁ ଯେଉଁମାନେ ଜନସେବାରୁ ଅଧିକ, ଦଳ ର ହିତକୁ ପ୍ରଥମେ ଦେଖନ୍ତି । କହିବାକୁ କଷ୍ଟ ଲାଗୁଛି ଯୁବ ପୀଢ଼ି ଯେଉଁ ମାନେ ବିଭିନ୍ନ ଦଳରେ ନେତୃତ୍ୱ କରୁଛନ୍ତି ସେମାନେ ସବୁ ଜାଣି ବି ଅଜଣା, ଲାଗୁଛି ଯେମିତି ବାନ୍ଧି ହେଇ ଯାଇଛନ୍ତି ସେମାନେ, ଯେଉଁଠି ସେମାନଙ୍କ ବୁଝିବା ଶକ୍ତି ଆଉ କ୍ଷମତା କୁ କିଣି ନେଇଛନ୍ତି ଏଇ ସବୁ ଦଳ ର ବେପାରୀମାନେ । ଏସବୁ ପଛରେ ବି ବେରୋଜଗର, ଆଉ କିଛି କ୍ଷଣ ର ସାହାରା ପାଇଁ ବିକ୍ରି ହେଇ ଯାଇଛନ୍ତି ଅନେକ ଯୁବକ ଯୁବତୀ ।ଏହି ରାଜନୈତିକ ବ୍ୟବସାୟୀଙ୍କର ମୂଳ ଉଦ୍ଦେଶ୍ୟ ହେଉଛିଛାତ୍ର-ଯୁବ ଗୋଷ୍ଠୀ ଙ୍କୁ ଦୁର୍ବଳ ଏବଂ ନିର୍ବାଣ କରିବା ରୋଜଗାର ନଦେଇ, ପ୍ରଶ୍ନ ପଚାରିବା ର ଡର ଭିତରେ ରଖି ଏବଂ ମିଛ ଉନ୍ନତି ର ଯୋଜନା କରି ନାଗରିକ ମାନଙ୍କୁ ଦୁର୍ବଳ କରିବା, ଯାହା ଦ୍ୱାରା ଏହି ନାମ ମାତ୍ର ନେତା ମାନେ ଦୀର୍ଘ ସମୟ ପର୍ଯ୍ୟନ୍ତ ଶାସନ କରିପାରିବେ ।

ପ୍ରଶ୍ନ ଉଠୁଛି, ଯଦି ଆମେ କୌଣସି ଦଳ ର ନେତାଙ୍କୁ ପସନ୍ଦ କରୁନାହୁଁ, କିମ୍ବା ତାଙ୍କର କାମରେ ଆମର ଆସ୍ଥା ନଥାଏ, ତେବେ କାହିଁକି ସେହି ଦଳକିମ୍ବା ଦଳମାନଙ୍କର ର "ମୋହର"କୁ ଭୋଟ୍ ଦେବା ?

ସମାଧାନ ସରଳ, ଆମ ମଧ୍ୟରୁ ଜଣେ ସତ୍ୟ ସଚେତନ, ସାହସୀ ଓ ଦୃଢ ଲୋକକୁ ଆଗକୁ ଆଣନ୍ତୁ । ତାଙ୍କୁ ପ୍ରାର୍ଥୀ କରନ୍ତୁ, ଏବଂ ତାଙ୍କ ସହ ସମସ୍ତେ ଠିଆ ହୁଅନ୍ତୁ ସତ୍ୟ ଆଉ ସେବା ରେ ବିଶ୍ୱାସ ରଖୁଥିବା ନିଷ୍ଠାବାନ ମଣିଷ ଙ୍କୁ ନିଜର ନେତା କରନ୍ତୁ । ସେମାନେ କେବଳ ପାର୍ଟିର "କର୍ମଚାରୀ" ହେବେ ନାହିଁ, ବରଂ ପ୍ରକୃତ "ଜନପ୍ରତିନିଧି" ହେବେ, ଯିଏ ଆମ ଆବଶ୍ୟକତା, ଆମର ସମସ୍ୟା, ଓ ଆମର ସ୍ୱରକୁ ପ୍ରତିପାଦନ କରିବେ । ଆମଓଡ଼ିଶାର ଯୁବଗୋଷ୍ଠୀ, ମନେ ରଖିବା ଦରକାରକୌଣସି ଦଳ ନୁହେଁ, ଆମକୁ ସ୍ୱତନ୍ତ୍ର ନେତା ଓ ଆମର ପ୍ରତିନିଧି ଦରକାର, ଯିଏ ଆମ ପାଇଁ କାମ କରିବ, ଆମ ପାଇଁ କହିବ, ଆମ ପାଇଁ ଲଢ଼ିବ ।ରାଜନୀତିର କର୍ମଚାରୀଙ୍କୁ ନୁହେଁ, ନିଜର "ଜନପ୍ରତିନିଧି"କୁ ବାଛିବାର ସମୟ ଆସି ଯାଇଛି । ଦଳ କୁ ନୁହେଁ, ନେତାକୁ ବାଛନ୍ତୁ । କର୍ମଚାରୀ ନୁହେଁ, ପ୍ରତିନିଧିଙ୍କୁ ବାଛନ୍ତୁ । ଏହା ହେଉଛି ଆମ ଲୋକତନ୍ତ୍ରକୁ ଆଉ ଥରେ ଶକ୍ତିଶାଳୀ କରିବାର ମାର୍ଗ ।

*ଓଡ଼ିଶାର ଯୁବ ନାଗରିକ*

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Friday September 26 | ଭୁବନେଶ୍ୱର ଶୁକ୍ରବାର, ୨୬, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



# ୨୬ରୁ କିଟ୍ ବିଶ୍ୱବିଦ୍ୟାଳୟର ୨୧ତମ ସମାବର୍ତ୍ତନ



ଭୁବନେଶ୍ୱର,(ପି.ଏନ): କିଟ୍ ବିଶ୍ୱବିଦ୍ୟାଳୟର ୨୧ତମ ସମାବର୍ତ୍ତନ ୨୬ତାରିଖରୁ ଆରମ୍ଭ ହେଉଛି । ପ୍ରଥମ ଥର କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ୩ ଦିନିଆ ସମାବର୍ତ୍ତନ ହେଉଛି । ଏହି ସମାବର୍ତ୍ତନ ଉତ୍ସବ ତିନି ଦିନ ଧରି ଆୟୋଜିତ ହେବା ଫଳରେ ବହୁ ସଂଖ୍ୟାରେ ସ୍ନାତକ ଛାତ୍ରଛାତ୍ରୀ ସେମାନଙ୍କ ପିତାମାତା ତଥା ଅଭିଭାବକଙ୍କ ସହ ସୁବିଧାରେ ଉତ୍ସବରେ ସାମିଲ ହୋଇପାରିବେ । ଶ୍ରୀଲଙ୍କାର ନୋବେଲ ପୁରସ୍କାର ବିଜେତା ପ୍ରଫେସର ମୋହନ ମୁନାସିଂଘେ, ଟ୍ୟୁନିସିଆର ନୋବେଲ ଶାନ୍ତି ପୁରସ୍କାର ବିଜେତା ଉଇଦେଦ୍ ବୋଚାମାଉଇ, ଇଣ୍ଟରନ୍ୟାସନାଲ କୋର୍ଟ ଅଫ୍ ଜଷ୍ଟିସ୍‌ର ବିଚାରପତି ନ୍ୟାୟମୂର୍ତ୍ତି ଏ. ଅହମ୍ମଦ ୟୁସୁଫ୍ ଓ ନ୍ୟାୟମୂର୍ତ୍ତି ଦଲବୀର ଭଣ୍ଡାରିଙ୍କ ସମେତ ପୃଥିବୀର ବହୁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଗରିମାମୟ ଉପସ୍ଥିତି ଉତ୍ସବକୁ ମହିମା ମଣ୍ଡିତ କରିବ । ସମାବର୍ତ୍ତନ ଅବସରରେ ଗୁଆଟେମାଲା ଗଣରାଜ୍ୟ କଂଗ୍ରେସ ସଦସ୍ୟ ଡ ଫିଡେଲ ରେୟସ୍ ଲି, ୱକହର୍ଡ ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଗ୍ଲୋବାଲ୍ ହ୍ୟୁମାନିଟାରିଆନ୍ ଆଡଭୋକେଟ୍ ଡ ହୁଜେଫା ଖୋରାକିୱାଲା; ଜର୍ମାନୀ ୟୁଥ୍ ଫର୍ ଅଣ୍ଡରଷ୍ଟାଣ୍ଡିଂ ଫାଉଣ୍ଡେସନର ପ୍ରତିଷ୍ଠାତା ନର୍ବର୍ଟ ସାଉର; ଲାଲଚାନ୍ଦ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ସଞ୍ଜୟ ହାନ୍ସ; କମ୍ପିଟିସନ ସକସେସ୍ ରିଭ୍ୟୁର ଅଧ୍ୟକ୍ଷ ତଥା ସମ୍ପାଦକ ଏସ୍. କେ. ସଚଦେବା; ପ୍ରସିଦ୍ଧ ଚଳଚ୍ଚିତ୍ର ଏବଂ ନାଟ୍ୟ ନିର୍ଦ୍ଦେଶକ ଅନନ୍ତ ମହାପାତ୍ର ପ୍ରମୁଖଙ୍କୁ ସମାଜ ପ୍ରତି ସେମାନଙ୍କର ଉଲ୍ଲେଖନୀୟ ଅବଦାନ ନିମନ୍ତେ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯିବ । ଚଳିତବର୍ଷ ୭୨୩୫ ସ୍ନାତକ ଛାତ୍ରଛାତ୍ରୀ, ୨୦୩୪ ସ୍ନାତକୋତ୍ତର ଏବଂ ୧୯୫ ପିଏଚଡି ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯିବ । ଏଥିପାଇଁ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଛି । ତିନିଦିନ ଧରି ଚାଲିବାକୁ ଥିବା ଏହି ସମାବର୍ତ୍ତନ ଉତ୍ସବର ପ୍ରଥମ ଦିନରେ ମେଡିକାଲ୍ ସାଇନ୍‌ସେସ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯିବାକୁ ଥିବାବେଳେ ଦ୍ୱିତୀୟ ଦିନ ଆଇନ୍ ଓ ମ୍ୟାନେଜମେଣ୍ଟ ଏବଂ ତୃତୀୟ ଦିନରେ ଟେକ୍ନୋଲୋଜି ପାଠ୍ୟକ୍ରମର ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯିବ । ଏହି ସମାବର୍ତ୍ତନ ଉତ୍ସବରେ ତିନି ଦିନ ଧରି ପ୍ରମୁଖ ଅତିଥି ଭାବରେ ବିଶ୍ୱର ପ୍ରସିଦ୍ଧ ବ୍ୟକ୍ତି ବିଶେଷ, ଆଇନ ବିଷାରଦ, ଶିକ୍ଷାବିତ୍, ନୋବେଲ ପୁରସ୍କାର ବିଜେତା ଏବଂ ଶିଳ୍ପ ଜଗତର ପ୍ରମୁଖ ବ୍ୟକ୍ତିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ଡିଗ୍ରୀ ପାଇବାକୁ ଥିବା ଛାତ୍ରଛାତ୍ରୀଙ୍କୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି । ନିଜ ବାର୍ତ୍ତାରେ ଶ୍ରୀ ସାମନ୍ତ କହିଛନ୍ତି, ଛାତ୍ରଛାତ୍ରୀମାନେ କ୍ୟାମ୍ପସ୍‌ରୁ ଯାଇ ବୃହତ୍ତର ଜଗତରେ ପ୍ରବେଶ କରିବେ ଏବଂ କିଟ୍‌ର ମୂଲ୍ୟବୋଧକୁ ସେମାନଙ୍କ ଜୀବନର ଧ୍ୟେୟ କରିବେ । ତିନି ଦିନ ଧରି ଚାଲିବାକୁ ଥିବା ଏହି ସମାବର୍ତ୍ତନ ଉତ୍ସବରେ ସଫଳତା, ସ୍ୱୀକୃତ, ଉତ୍ସବ, ଆନନ୍ଦ, ଉଲ୍ଲାସ ଓ ପୁରୋଦୃଷ୍ଟିର ଝଲକ ଦେଖିବାକୁ ମିଳିବ ।

# ସରିଲା ପାରାଦୀପ ବିଶ୍ୱକର୍ମା ପୂଜା : ପ୍ରଶାସନ ପକ୍ଷରୁ ପୂଜା ମଣ୍ଡପ ସମେତ ବିଭିନ୍ନ ଅନୁଷ୍ଠାନକୁ ପୁରସ୍କାର ଓ ସମ୍ବର୍ଦ୍ଧନା



ପାରାଦୀପ,(ପି.ଏନ): ପାରାଦୀପ ବିଶ୍ୱକର୍ମା ପୂଜାରେ ଜନସାଧାରଣଙ୍କୁ ଆକର୍ଷଣୀୟ ତୋରଣ, ମୂର୍ତ୍ତୀ, ଆଲୋକ ସାଜସଜ୍ଜା ଭେଟି ଦେଇଥିଲେ ବିଭିନ୍ନ ପୂଜା ମଣ୍ଡପ । ଚଳିତ ବର୍ଷ ଛୋଟବଡ ମିଶି ୧୫ ଗୋଟି ସଂସ୍ଥା ପକ୍ଷରୁ ପୂଜା ଉତ୍ସବ ଅନୁଷ୍ଠିତ ହୋଇଥିଲା । ବଡ ମେଢ ୧୧ଟି ଓ ଛୋଟ ମେଢ ୪ ଟି ପୂଜାରେ ସାମିଲ ହୋଇଥିଲା । ବିଗତ ବର୍ଷମାନଙ୍କ ପରି ଚଳିତ ବର୍ଷ ମଧ୍ୟ ପ୍ରଶାସନ ପକ୍ଷରୁ ଏହି ପୂଜା ମଣ୍ଡପ ସମେତ ମୂର୍ତ୍ତୀକାର, ଡେକୋରେଟର୍‌ଙ୍କ ସମେତ ପାନୀୟ ଜଳ, ଚାରା ଓ ଖାଦ୍ୟବ ନ କରିଥିବା ପୂଜା କମିଟି ମାନଙ୍କୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଥିଲା । ମଙ୍ଗଳବାର ରାତିରେ ପୌରପ୍ରଶାସନ ପକ୍ଷରୁ ଏକ ସମାରୋହ ଆୟୋଜିତ ହୋଇଥିଲା । ଏହି ସମାରୋହରେ ମାନ୍ୟବର ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ତଥା ପାରାଦୀପ ବିଧାୟକ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପୁରସ୍କାର ଓ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ସମ୍ମାନୀତ ଅତିଥି ଭାବେ ସାଂସଦ ଡ. ବିଭୂପ୍ରସାଦ ତରାଇ ଯୋଗ ଦେଇଥିଲେ । ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଂଜନ ବେହେରା । ଅନ୍ୟ ଅତିଥି ଭାବେ ପାରାଦୀପ ଏଏସପି ସ୍ମୃତିରଂଜନ କର ଯୋଗ ଦେଇଥିଲେ । ବାହ୍ୟ ସାଜସଜ୍ଜାରେ ପାରାଦୀପ ଟ୍ରକ୍ ମାଲିକ ସଂଘ ପ୍ରଥମ, ଡର ମାଲିକ ସଂଘ ଦ୍ୱିତୀୟ ଓ ଯୁଗ୍ମ ଭାବେ ଜଗନ୍ନାଥ ଟ୍ରକ ମାଲିକ ସଂଘ ଓ ବନ୍ଦର ଜନସ୍ୱାସ୍ଥ୍ୟ ବିଭାଗ ପୁରସ୍କୃତ ହୋଇଥଲେ । ମୂର୍ତ୍ତୀ ଓ ପାର୍ଶ୍ୱସାଜସଜ୍ଜାରେ ଭାରତୀୟ ବନ୍ଦର ମଜଦୁର ସଂଘ ପ୍ରଥମ, ଦ୍ୱିତୀୟ ପାରାଦୀପ ଟ୍ରକ୍ ମାଲିକ ସଂଘ ଓ ତୃତୀୟ ହୋଇଥିଲେ ମତ୍ସ୍ୟ ଉତ୍ପାଦକ ସଂଘ । ସେହିପରି ଆଲୋକ ସାଜସଜ୍ଜାରେ ପ୍ରଥମ ମତ୍ସ୍ୟ ଉତ୍ପାଦକ ସଂଘ, ଦ୍ୱିତୀୟ ଜଗନ୍ନାଥ ଟ୍ରକ ମାଲିକ ସଂଘ ଓ ଡର ମାଲିକ ସଂଘ ତୃତୀୟ ହୋଇଥିଲେ । ଶୃଙ୍ଖଳା ଓ ସାମାଜିକ ସଚେତନତା ବାର୍ତ୍ତା ପ୍ରଦର୍ଶନ କ୍ଷେତ୍ରରେ ପାରାଦୀପ ଟ୍ରକ୍ ମାଲିକ ସଂଘ ପ୍ରଥମ, ଯୁଗ୍ମ ଭାବେ ଦ୍ୱିତୀୟ ବନ୍ଦର ଜନସ୍ୱାସ୍ଥ୍ୟ ବିଭାଗ ଓ ଭାରତୀୟ ବନ୍ଦର ମଜଦୁର ସଂଘ ପୁରସ୍କୃତ ହୋଇଥିବା ବେଳେ ବନ୍ଦର ବିଦ୍ୟୁତ ବିଭାଗ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କ୍ଷେତ୍ରରେ ଭାରତୀୟ ବନ୍ଦର ମଜଦୁର ସଂଘ ପ୍ରଥମ, ପାରାଦୀପ ଟ୍ରକ୍ ମାଲିକ ସଂଘ ଦ୍ୱିତୀୟ ଏବଂ ତୃତୀୟ ହୋଇଥିଲେ ଜଗନ୍ନାଥ ଟ୍ରକ ମାଲିକ ସଂଘ । ସେହିପରି ପୂଜା ସମୟରେ ଜନସାଧାରଣଙ୍କ ପ୍ରଥମଥର ପାଇଁ ମୃଦୁପାନୀୟ ବଂଟନ କରିଥିବା ପାରାଦୀପ ଟ୍ରେଲର ଓ ଗ୍ୟାସ ଟ୍ୟାଙ୍କର ମିଳିତ ସଂଘ (ଜେସିସି), ପାରାଦୀପ ଆଂଚଳିକ ଟିପର ସଂଘ, ଭାରତୀୟ ବନ୍ଦର ମଜଦୁର ସଂଘ ଚାରା ବଂଟନ କ୍ଷେତ୍ରରେ ମତ୍ସ୍ୟ ଉତ୍ପାଦକ ସଂଘଙ୍କୁ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଗତବର୍ଷ ପରି ଚଳିତ ଥର ମଧ୍ୟ ମୂର୍ତ୍ତୀକାର, ଡେକୋରେଟର୍‌ଙ୍କୁ ସମ୍ମାନୀତ କରାଯାଇଥିଲା । ଶେଷରେ ପୋର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିପସମ୍ ବୋଝେଇ ଟିପର ଡ୍ରାଇଭରଙ୍କୁ ଆକ୍ରମଣ

ପାରାଦୀପ,(ପି.ଏନ):ରବିବାର ବିଳମ୍ବିତ ରାତିରେ ପାରାଦୀପ ଉପକଣ୍ଠ ଭୁତମୁଣ୍ଡାଇ ପୋଲ ନିକଟରୁ ଜିପସମ୍ ବୋଝେଇ ଟିପର ଡ୍ରାଇଭରଙ୍କୁ ସଂଘବଦ୍ଧ ଆକ୍ରମଣ କରି ଗାଡିର ଚାବି ଛଡେଇ ନେଇଥିବା ନେଇ ଅଭିଯୋଗ ହୋଇଛି । ଘଟଣାରୁପ୍ରକାଶଯେ, ପାରାଦୀପସ୍ଥିତ ସାର ଉତ୍ପାଦନକାରୀ ସଂସ୍ଥା ଇଫକୋ ସାରକାରଖାନାରୁ ଏକ ଜିପସମ୍ ବୋଝେଇ ଟିପର କଟକ ଅଭିମୁଖେ ଯାଉଥିଲା । ରବିବାର ରାତି ପ୍ରାୟ ସାଢେ ଏଗାରଟା ସମୟରେ ବାଇକ୍ ଓ କାରରେ କିଛି ଯୁବକ ଭୁତମୁଣ୍ଡାଇ ପୋଲ ନିକଟରେ ପହଂଚି ସଂପୃକ୍ତ ଟିପରକୁ ଅଟକାଇ ଥିଲେ । ଟିପର ଡ୍ରାଇଭର ଛୋଟୁ କୁମାରଙ୍କୁ ସଂଘର ନାଁ କହି ରାସ୍ତା ମଝିରେ ଗାଡି ଅଟକାଇବା ସହିତ ମାଡ ମାରି ଟିପର ଚାବି ଛଡେଇ ନେଇଥିବା ନେଇ ଅଭିଯୋଗ ହୋଇଛି । କଳିଙ୍ଗ ସର୍ଭିସ୍ ଟ୍ରାନସପୋର୍ଟର ଜିପସମ୍ ନେଇ ଟିପରଟି ପାରାଦୀପ ଇଫକୋ ସାର କାରଖାନାରୁ କଟକ ଯାଉଥିଲା । ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ ଭାରୀଯାନ ରାତିରେ ଚଳାଚଳ କରିଥାଏ । ଏହି ନିର୍ଦ୍ଦେଶକୁ ପାଳନ କରି କଳିଙ୍ଗ ସର୍ଭିସ୍ ଟ୍ରାନସପୋର୍ଟ ବିଳମ୍ବିତ ରାତିରେ ଜିପସମ୍ ନେଇ ଯାଉଥିଲା ।

# ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ 'ସ୍ୱଚ୍ଛତା ହିଁ ସେବା ' ପର୍ବ ଆୟୋଜିତ



ଭୁବନେଶ୍ୱର,(ପି.ଏନ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ 'ସ୍ୱଚ୍ଛତା ହିଁ ସେବା ' ପର୍ବ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଓ କୁଳସଚିବ ଶ୍ରୀମତୀ ପାର୍ବତୀ ମଞ୍ଜରୀ ମହାଲିକଙ୍କ ପ୍ରେରଣା ତଥା ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡ.ପ୍ରଣତି ରଥଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ଉଦଘାଟକ ଭାବେ ଯୋଗଦେଇ ସ୍ନାତକୋତ୍ତର ପରିଷଦ ସମୂହ ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକ ଜାତୀୟ ସେବା ଯୋଜନାରେ ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ସ୍ୱେଚ୍ଛାସେବୀଙ୍କୁ ଆହ୍ୱାନ ଦେବା ସହ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସ୍ୱଚ୍ଛତା ହିଁ ସେବା ଭଳି ଆଜିର ଏ ମହାନ କାର୍ଯ୍ୟକ୍ରମ ଅବସରରେ ଅନ୍ୟ ମାନଙ୍କ ମଧ୍ୟରେ ଉପ କୁଳସଚିବ ଡ. ପ୍ରଶାନ୍ତ କୁମାର ନରେନ୍ଦ୍ର, ଆଇ. କ୍ୟୁ. ଏସ. ସି ସଂଯୋଜକ ଡ. ଗୌତମ ସାବତ, ସମର ଶିକ୍ଷାର୍ଥୀ ବାହିନୀ ଅଫିସର (ଆର୍ମି ୟୁନିଟ ) କ୍ୟାପଟେନ ଡ. ଯତୀନ ବିଷୋୟୀ, ସମର ଶିକ୍ଷାର୍ଥୀ ବାହିନୀ ଅଫିସର (ନାଭାଲ ୟୁନିଟ ) ଡ. ସୁଶୀଲ କୁମାର ରାଠୋର, ବାଣିଜ୍ୟ ବିଭାଗ ମୁଖ୍ୟ ଡ. ଅନ୍ନପୂର୍ଣ୍ଣା ସାହୁ, ଅଧ୍ୟାପକ ଡ. ମନୋରଞ୍ଜନ ବିଷୋୟୀ ପ୍ରମୁଖ କ୍ୟାମ୍ପସ ସଫେଇରେ ନିଜ ନିଜର ଶ୍ରମଦାନ କରି ସ୍ୱେଚ୍ଛାସେବୀ ମାନଙ୍କୁ ଉତ୍ସାହିତ କରିଥିଲେ । କ୍ୟାମ୍ପସର ସ୍ୱଚ୍ଛତା ଓ ସୌନ୍ଦର୍ଯ୍ୟକରଣକୁ ଅଗ୍ରାଧିକାର ଦେଇ ଆଜିର ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ବିକାଶ, ରୁଦ୍ର, ଦେବାଶିଷ, ଅଭିନବ, ସୁନିତ, ନିଦାନ, ସମର ଶିକ୍ଷାର୍ଥୀ ଶୁଭମ ଦାଶ ସମେତ ସମର ଶିକ୍ଷାର୍ଥୀ ବାହିନୀର ଉଭୟ ଆର୍ମି ଓ ନାଭାଲ ୟୁନିଟର ବହୁ ଶିକ୍ଷାର୍ଥୀ ଉତ୍ସାହ ସହକାରେ ସଫେଇ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

# ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ଟିବି ରୋଗୀଙ୍କୁ ପୋଷଣଯୁକ୍ତ ଖାଦ୍ୟ ପ୍ରଦାନ



ପାରାଦୀପ,(ପି.ଏନ): ପ୍ରଧାନମନ୍ତ୍ରୀ ଟିବିମୁକ୍ତ ଭାରତ ଅଭିଯାନ ଅଧିନରେ ନିକ୍ଷ ମିତ୍ର ପାରାଦୀପର ଇଫକୋ ୟୁନିଟ୍ ପକ୍ଷରୁ ଟିବି ରୋଗୀମାନଙ୍କୁ ସହାୟତା ପ୍ରଦାନ କରାଯାଇଛି । କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା, ମାର୍ଶାଘାଇ ଓ ଗରଦପୁର ବ୍ଲକ୍‌ର ୧୦୦ଜଣ ଟିବି ରୋଗୀଙ୍କୁ ଏକ ବର୍ଷ ନିମନ୍ତେ ସହାୟତା ପ୍ରଦାନ କରାଯାଇଛି । ପୂର୍ବରୁ ଇଫକୋ ପାରାଦୀପ ୟୁନିଟ୍ ପ୍ରଧାନମନ୍ତ୍ରୀ ଟିବିମୁକ୍ତ ଭାରତ ଅଭିଯାନରେ ସାମିଲ ହୋଇ ଜଗତସିଂହପୁର ଜିଲ୍ଲାର ଟିବିରୋଗୀମାନଙ୍କୁ ସହାୟତା ପ୍ରଦାନ କରିଥିଲା । ଏହି ଅବସରରେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ସହିତ ପୋଷଣଯୁକ୍ତ ଖାଦ୍ୟ ପ୍ୟାକେଟ୍ ପାଟକୁରା, ମାର୍ଶାଘାଇ ଓ ମହାକାଳପଡାର ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୋଜିତ ହୋଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମନୋରଂଜନ କର ମୁଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟାଧିକାରୀଡା. ସଚ୍ଚିଦାନନ୍ଦ ମିଶ୍ର, ଇଫକୋର ଲୋକସମ୍ପର୍କ ଅଧିକାରୀ ଡ. ପ୍ରସନ୍ନ କୁମାର ବେଉରା, ଜିଲ୍ଲା ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ଦିଲ୍ଲୀପ କୁମାର ନାୟକ, ପାଟକୁରା ଓ ମହାକାଳପଡା ଚିକିତ୍ସାଳୟର ଚିକିତ୍ସାଧିକାରୀ ଡା. ନିରଂଜନ କର, ପିଏମଟିବିଏମବିଏର ରାଜ୍ୟ ପ୍ରୋଗାମ ଅଫିସର ଶିବ ପ୍ରସାଦ ଓଝା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ପିଏମଟିବିଏମବିଏ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଇଫକୋ ପାରାଦୀପ ୟୁନିଟ୍ ସମସ୍ତ ପ୍ରକାରର ସହଭାଗିତା ଯୋଗାଇ ଦେଉଛି । ଟିବିରେ ପିଡୀତମାନଙ୍କୁ ପୋଷଣଯୁକ୍ତ ଖାଦ୍ୟ, ଔଷଧ, ସ୍ୱାସ୍ଥ୍ୟ ସଚେତନତା ଆଦି ଯୋଗାଇ ଦେଇ ଭାରତକୁ ଟିବିମୁକ୍ତ କରିବାରେ ସକ୍ରିୟ ସହଯୋଗ କରୁଛି । କୋଭିଡ୍-୧୯ ସମୟରେ ଇଫକୋ ପାରାଦୀପ ସମଗ୍ର ଦେଶକୁ ଅକ୍ସିଜେନ୍ ଯୋଗାଇ ଦେବା ସହିତ କିଟ୍ ପ୍ରଦାନ କରି ସମଗ୍ରର ଦେଶର ଦୃଷ୍ଟି ଆକର୍ଷଣ କରିଥିଲା । ରାଜ୍ୟର ଏକମାତ୍ର ଅନୁଷ୍ଠାନ ଭାବେ ସେ ସମୟରେ ଇଫକୋ ପାରାଦୀପ ୟୁନିଟ୍ ସାତ କୋଟି ଟଙ୍କା ବ୍ୟୟରେ ମେଡିକାଲ୍‌ରେ ବ୍ୟବହାର ହେଉଥିବା ଅକ୍ସିଜେନ ପ୍ଲା କାର୍ଯ୍ୟକ୍ଷମ କରି ସରକାରୀ ଚିକିତ୍ସାଳୟକୁ ମାଗଣାରେ ମେଡିକାଲ୍‌ରେ ବ୍ୟବହାର ହେଉଥିବା ଅକ୍ସିଜେନ ପ୍ରଦାନ କରିଥିଲା । ଏତଦ୍‌ବ୍ୟତିତ ବିଭିନ୍ନ ବିପର୍ଯ୍ୟୟ ସମୟରେ ପିଡୀତମାନଙ୍କୁ ଇଫକୋ ପାରାଦୀପ ୟୁନିଟ୍ ସହାୟତା ପ୍ରଦାନ କରି ଆସିଛି । ସମାଜର ସର୍ବାଙ୍ଗୀନ ଉନ୍ନତିରେ ନିଜକୁ ସମର୍ପିତ କରିବା ପାଇଁ ଇଫକୋ ପାରାଦୀପ ୟୁନିଟ୍ ସର୍ବଦା କାର୍ଯ୍ୟ କରି ଆସିଛି ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray